# Akashvani, Sambalpur

## SAMBALPURI NEWS EVENING BULLETIN

## 7 November 2024- 7.02 pm- 7.12 pm.

*********************************************

୧- ରାଏଜେ ଥିବା ବହୁତ୍‌ଟେ ପୁର୍‌ନା ଆଇନ୍‌କେ ଚିହ୍ନଟ୍ କରାଯାଇକରି ରଦ୍ଦ କରାଯିବା- କହେଲେ ମୁଖ୍ୟମନ୍ତ୍ରୀ ।

୨- ଶହୀଦ୍ ବିର୍ସାମୁଣ୍ଡାଙ୍କର୍ ଜୟନ୍ତୀ ଅବ୍‌ସରେ ରାଜ୍ୟର୍ ୭ ହଜାର୍ ୬ ଶହ ୬୭ଟା ଆଦିବାସୀ ଗାଁ ନ ହେବା ସ୍ୱତନ୍ତ୍ର ପଲ୍ଲିସଭା ।

୩- ସମ୍ବଲ୍‌ପୁର୍‌କେ ଗୁଟେ ଅତ୍ୟାଧୁନିକ୍ ସହର୍ କର୍‌ବାର୍ ଲାଗି ସର୍‌କାର୍ ଚେଷ୍ଟା କରୁଛନ୍- କହେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ।

୪- ରାଜସ୍ୱ ବିଭାଗ୍ ବେଭାର୍ କରୁଥିବା ରିଲିଫ୍ ଶବ୍ଦ ବଦ୍‌ଲିକରି ହେବା ଅଧିକାର୍ ଆଇନ୍ ।

ଆଉର୍

୫- ହିତାଧିକାରୀମାନ୍‌କୁ ଜାନୁଆରୀ ମାସ୍‌ନୁ ଚାଉଲ୍ ସାଙ୍ଗେ ଦିଆଯିବା ଗହମ୍ ।

ମୁଖ୍ୟମନ୍ତ୍ରୀ          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଥିବା ବହୁତ୍‌ଟେ ପୁର୍‌ନା, ନିଷ୍କ୍ରିୟ ଆଉ ଅପ୍ରାସଙ୍ଗିକ୍ ଆଇନ୍‌କେ ଚିହ୍ନଟ୍ କରାଯାଇକରି ରଦ୍ଦ କରାଯିବା । ଇଥିର୍‌ଲାଗି ପ୍ରକ୍ରିୟା ମୁଲ୍ ହେଇସାରିଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ କନ୍‌ଭେନ୍‌ସନ୍ ସେଂଟର୍ ନ  ଆଏଜ୍ ହେଇଥିବା ଭାରତୀୟ ନାଗରିକ ସୁରକ୍ଷା ସଂହିତା ଆର୍ ଭାରତୀୟ ନ୍ୟାୟ ସଂହିତା ଜାଗୃତିକରଣ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଦେଶେ ଆଇନ୍ କାନୁନ୍ ବହୁତ୍ ଅଏତ୍‌କା ଅଛେ ଆଉ ସେ ଭିତ୍‌ରୁ ବହୁତ୍‌ଟେ ପ୍ରାସଙ୍ଗିକ ନୁହେଁ । ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଇ ବଛର୍ ଜୁଲାଇ ୧ ତାରିଖ୍‌ନୁ ଇ ତିନ୍‌ହି ଆଇନ୍ କାର୍ଯ୍ୟକାରୀ ହେଉଛେ । ଇତାର୍‌ଛଡ଼ା ମୁଖ୍ୟମନ୍ତ୍ରୀ ନୂଆଁ ଆଇନ୍‌ଥି ଥିବା ବ୍ୟବସ୍ଥା ବାବ୍‌ଦେ ଭିଲ୍ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ବ୍ୟବସ୍ଥାର୍ ସରଳୀକରଣ୍ ଲାଗି ଆଇନ୍‌ର ପରିବର୍ତ୍ତନ୍ କରାଯାଇଛେ ବଲି କହିଥିଲେ । ସାଧାରଣ ଲୋକ୍ ଯେତେବେଲେ ଆଇନ୍‌କେ ବୁଝିପାର୍‌ବେ ସେତେବେଲେ ଆଇନ୍‌ର ଶାସନ୍ ପ୍ରଭାବିତ୍ ହେଇପାର୍‌ବା ବଲି ସେ ମତପ୍ରକାଶ କରିଥିଲେ ।

ଶହୀଦ୍ ବିର୍ସାମୁଣ୍ଡା-ଜୟନ୍ତୀ          ଆର୍ଏନ୍ୟୁ/ ସମ୍ବଲପୁର

ବିଶିଷ୍ଟ ଆଦିବାସୀ ନେତା ଶହୀଦ୍ ବିର୍ସାମୁଣ୍ଡାଙ୍କର୍ ଶହେ ୫୦ ନମ୍ବର୍ ଜୟନ୍ତୀ ଅବ୍ସରେ ୨୦୨୫ ମସିହାତକ୍ ଗୌରବ୍ ବର୍ଷ ଭାବେ ପାଲନ୍ କର୍ବାର୍କେ କେନ୍ଦ୍ର ସର୍କାର୍ ଘୋଷ୍ନା କରିଛନ୍ । ଇଥିର୍ଲାଗି ଆଏବା ୧୫ ତାରିଖ୍ ଇ ଉତ୍ସବ୍ର ଶୁଭାରମ୍ଭ କରାଯାଇକରି ଦେଶର୍ ଆଦିବାସୀ ବହୁଳ ଗାଁ ମାନ୍କେ ସ୍ୱତନ୍ତ୍ର ଗ୍ରାମସଭା ଆର୍ ତାଲିମ୍ ଶିବିର ଆୟୋଜନ୍ କରାଯିବା । ଇ ଅବ୍ସରେ ରାଜ୍ୟର୍ ୨୭ ଟା ଜିଲ୍ଲାର୍ ୨ ଶହ ୩୪ ଟା ବ୍ଲକ୍ ନ ଥିବାର୍ ୨ ହଜାର୍ ୪ ଶହ ୮ ଟା ଗ୍ରାମ୍ ପଂଚାୟତ୍ର ୭ ହଜାର୍ ୬ ଶହ ୬୭ ଆଦିବାସୀ ରାଜସ୍ୱ ଗାଁଥି ସ୍ୱତନ୍ତ୍ର ପଲ୍ଲୀସଭା ଆୟୋଜନ୍ କରାଯିବାର୍ ସହେତେ ତାଲିମ୍ କାର୍ଯ୍ୟକ୍ରମ୍ ଭିଲ୍ ଆୟୋଜନ୍ କରାଯିବା । ଗାଁର୍ ବିକାଶ୍ ଲାଗି କାମ୍ କରୁଥିବା ଭିନ୍ ଭିନ୍ ବ୍ୟକ୍ତିବିଶେଷ୍ମାନ୍କୁ ସ୍ୱତନ୍ତ୍ର ପଲ୍ଲୀସଭା ଲାଗି ନିମନ୍ତ୍ରଣ୍ କରାଯିବା । ପଲ୍ଲୀସଭା ବୈଠକ୍ ଆଉ ତାଲିମ୍ କାର୍ଯ୍ୟକ୍ରମ୍ଥି ଅତିକମ୍ଥି ୫୦ ଝନ୍ ଯୋଗ୍ ଦେବେ । ଇତାର୍ଛଡ଼ା ପଲ୍ଲିସଭା ଜାଗା ନ ରକ୍ତଦାନ ଶିବିର, ଚକ୍ଷୁପରୀକ୍ଷା ଶିବିର, କୁପୋଷଣ ଶିକାର୍ ହେଇଥିବା ଛୁଆମାନ୍କୁ ଚିହ୍ନଟ୍ ବାଗିର୍ କାର୍ଯ୍ୟକ୍ରମ୍ ମାନ୍ କରାଯିବା । ଫି’ ପଲ୍ଲିସଭା ବୈଠକ୍ ଆର୍ ତାଲିମ୍ ଶିବିର୍ କର୍ବାର୍ ଲାଗି ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ୍ ଅଭିଯାନ୍ ନୁ ୧୦ ହଜାର୍ ଟଙ୍କା ଦିଆଯିବା ।

ଧର୍ମେନ୍ଦ୍ର ପ୍ରଧାନ୍           ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାର୍ ସମ୍ବଲ୍‌ପୁର୍‌କେ ଗୁଟେ ଅତ୍ୟାଧୁନିକ ସହର୍ ବନାବାର୍ ଲାଗି ଚେରେଷ୍ଟା ମୁଲ୍ କରିଛନ୍ ବଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ସମ୍ବଲ୍‌ପୁର୍ ଜିଲ୍ଲା ଗସ୍ତ୍‌ଥି ଆସିକରି ମନ୍ତ୍ରୀ ଶ୍ରୀ ପ୍ରଧାନ୍ ମା ସମଲେଶ୍ୱରୀଙ୍କୁ ଦର୍ଶନ୍ କର୍‌ବାର୍ ଉତ୍‌ରୁ ଗଣମାଧମ୍‌କେ ସୂଚ୍‌ନା ଦେଇକରି କହିଛନ୍ ଯେ,
(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

କେନ୍ଦ୍ରମନ୍ତ୍ରୀ-ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ସମ୍ବଲପୁର୍ ସମ୍ବାଦଦାତା

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସମ୍ବଲ୍‌ପୁର୍ ଜିଲ୍ଲା ପଡ଼ିଆବାହାଲ୍ ସ୍ୱାସ୍ଥ୍ୟ କେନ୍ଦ୍ର ନ ନୂଆଁକରି ତିଆର୍ ହେଇଥିବା ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର୍‌କେ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ସେ କହିଛନ୍ ଯେ, ଆରୋଗ୍ୟ ମନ୍ଦିର୍ ଇ ଅଂଚଲ୍‌ର ଲୁକ୍‌କର୍ ସ୍ୱାସ୍ଥ୍ୟସେବା କ୍ଷେତ୍ରଥି ସାହାଜ୍ କର୍‌ବା । ସ୍ୱାସ୍ଥ୍ୟକ୍ଷେତ୍ରଥି ସଭେ ସହଯୋଗ୍ ମନୋଭାବ୍ ରଖ୍‌ଲେ ସ୍ୱାସ୍ଥ୍ୟ ସମସ୍ୟା ନାଇଁ ରହେ ବଲି କହିଛନ୍ । କାର୍ଯ୍ୟକ୍ରମ୍‌ଥି ଗ୍ରାମ୍ୟ ଉନ୍ନୟନ୍, ପଂଚାୟତିରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ ଉପସ୍ଥିତ୍ ଥିଲେ ।

ଅଧିକାର୍ ଆଇନ୍ - ରାଜସ୍ୱ ମନ୍ତ୍ରୀ    ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜସ୍ୱ ବିଭାଗ୍ ବେଭାର୍ କରୁଥିବା ରିଲିଫ୍ ଶବ୍ଦ ଏତ୍‌କେ ଆଉ ବେଭାର୍ ନାଇଁ ହୁଏ । ଏତ୍‌କେ ଇଟା ଅଧିକାର୍ ଆଇନ୍ ହେବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ । ସେ କହିଛନ୍ ଯେ, ପ୍ରାକୃତିକ ବିପର୍ଯ୍ୟୟ ସମିଆଥି ସାହାଜ୍ ଦେଲା ବେଲେ ରିଲିଫ୍ କୋଡ଼୍ ଆଇନ୍‌ର ବେଭାର୍ ହେଇଥିସି । ହେଲେ ସର୍‌କାର୍‌ଙ୍କର୍ ବିଚାର୍ ଅନ୍‌ସାରେ ରିଲିଫ୍ ହେଉଛେ ଗୁଟେ ଦୟାର ଶବ୍ଦ । ଏଥର ଲୁକ୍‌କୁ ସେମାନ୍‌କର୍ ଅଧିକାର୍ ମିଲ୍‌ବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ଗ୍ରାମ୍ୟ ନ୍ୟାୟାଳୟ ପ୍ରତିଷ୍ଠା    ଆର୍‌ଏନ୍‌ୟୁ/ କଟକ୍

ଗାଁ ଗଅଁଲିର୍ ଲୋକ୍‌ମାନ୍‌କର୍ ଆଇନ୍ ବାବଦ୍‌ର ସମସ୍ୟାର୍ ସମାଧାନ୍‌ର ସାଙ୍ଗେ ସାଙ୍ଗେ ନ୍ୟାୟ ଦେବାର୍ ଲାଗି ରାଜ୍ୟର୍ ସବୁ ବ୍ଲକ୍ ନ ଗ୍ରାମ୍ୟ ନ୍ୟାୟାଳୟ ପ୍ରତିଷ୍ଠା କରାଯିବା ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ସେ କହିଛନ୍ ଯେ, ପହେଲା ଖେପେ ୬ ଟା ଗ୍ରାମ୍ୟ ନ୍ୟାୟାଳୟ ସ୍ଥାପନ୍ ଲାଗି ରାଜ୍ୟ ସର୍‌କାର୍ ଅନୁମତି ଦେଇଛନ୍ । ପଛେ ବ୍ଲକ୍ ସ୍ତର ନ ଗ୍ରାମ୍ୟ ନ୍ୟାୟାଳୟ ମାନ୍ ଖୁଲାଯିବା ।

ଗହମ୍, ଚାଉଳ୍           ଆର୍ଏନ୍ୟୁ/ କଟକ୍

ରାଜ୍ୟ ସର୍କାର୍ ଖାଦ୍ୟ ସୁରକ୍ଷା ଯୋଜ୍ନା ଅଧୀନ୍ଥି ହିତାଧିକାରୀମାନ୍କୁ ଆଏବା ଜାନୁଆରୀ ମାସୁ ଚାଉଲ୍ ସାଙ୍ଗେ ଗହମ୍ ଦେବାର୍ ବ୍ୟବସ୍ଥା କରୁଛନ୍ ବଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ସେ କହିଛନ୍ ଯେ, ଜିଲ୍ଲାସ୍ତର୍ ନ ଦର୍କାର୍ ହେଉଥିବା ଗହମ୍କେ ନଜର୍ଥି ରଖିକରି ଜିଲ୍ଲାପାଲ୍ମାନ୍କୁ ତଥ୍ୟ ଦେବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ । ହିତାଧିକାରୀମାନ୍କର୍ ଇ-କେଓ୍ୱାଇସି କାମ୍ ଶେଷ୍ ହେବାର୍ ଲାଗି ଆଉ ୧୫ ଦିନ୍ ଦର୍କାର୍ ଅଛେ । ଏଛେନ୍ ସର୍କାରୀସ୍ତରଥି ୧୬ ଲାଖ୍ନୁ ଅଏତ୍କା ଅଯୋଗ୍ୟ ହିତାଧିକାରୀମାନ୍କୁ ଚିହ୍ନଟ୍ କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ସ୍ୱତନ୍ତ୍ର ଟ୍ରେନ୍          ଏନ୍ଏସ୍ଡି

ଭାରତୀୟ ରେଲ୍ବାଇ ତର୍ଫୁ ଆଏବା କାଏଲ୍ଠାନୁ ଶହେ ୬୪ ଟା ସ୍ୱତନ୍ତ୍ର ଟ୍ରେନ୍ ଚଲାଚଲ୍ କର୍ବା । ଛଟ୍ପୂଜା ଆର୍ ଅଲ୍ଗା ପରବ୍ ଲାଗି ଘର୍କେ ଯାଇଥିବା ଲୋକ୍ମାନେ ଇ ଟ୍ରେନ୍ଥି ସେମାନ୍କର୍ ଲକ୍ଷ୍ୟ ଜାଗାକେ ଫିର୍ବେ ବଲି ଜନାପଡ଼ିଛେ । ଆଏବା ୩ ଦିନ୍ ଭିତ୍ରେ ୪ ଶହ ୭୬ ଟା

ଟ୍ରେନ୍ ଚଲାଚଲ୍ କର୍‌ବାର୍‌କେ ରେଲ୍‌ବାଇ ନିଷ୍ପତି ନେଇଛେ । ସୂଚ୍‌ନା ଅନ୍‌ସାରେ ଗଲା ୩୬ ଦିନ୍ ଭିତ୍‌ରେ ୪ ହଜାର୍ ୫ ଶହ ୨୧ ଟା ଟ୍ରେନ୍‌ଥି ୬୫ ଲାଖ୍ ଯାତ୍ରୀ ଯାତ୍ରା କରିଛନ୍ । ସେନ୍ତା ୬ କୋଟି ୮୫ ଲାଖ୍ ଯାତ୍ରୀ ଭିନ୍ ଭିନ୍ ଜାଗାନୁ ବିହାର୍ ପୂର୍ବ ଉତର୍‌ପ୍ରଦେଶ୍ ଆଉ ଝାର୍‌ଖଣ୍ଡ୍‌କେ ଟ୍ରେନ୍‌ଥି ଯାତ୍ରା କରିଥିବା ଜନାପଡ଼ିଛେ । ଇତାର୍‌ସହେତେ ଦେଶେ ଗଲା ୪ ତାରିଖ୍ ଦିନ ୩ କୋଟିନୁ ଅଏତ୍‌କା ଯାତ୍ରୀ ରେଲ୍ ଜରିଏ ଯାତ୍ରା କରିକରି ଗୁଟେ ରେକର୍ଡ୍ ସୃଷ୍ଟି କରିଥିବା ରେଲ୍‌ବାଇ ତର୍‌ଫୁ କୁହାଯାଇଛେ ।

ତୀର୍ଥକ୍ଷେତ୍ର ଯାତ୍ରା ଆର୍‌ଏନ୍‌ୟୁ/ କଟକ୍

ତୀର୍ଥଯାତ୍ରୀମାନେ ନୂଆଁ ବଛର୍ ଆଘୋନୁ ସୁଲଭ ମୂଲ୍ୟଥି ରାଜ୍ୟ ବାହାରର୍ ଭିନ୍ ଭିନ୍ ତୀର୍ଥକ୍ଷେତ୍ରକେ ଯିବାର୍ ଲାଗି ସର୍‌କାରୀ ସ୍ତର୍‌ଥି ପ୍ରସ୍ତୁତି ମୁଲ୍ ହେଇଛେ । ପୁରୀ ନୁ ଅଯୋଧ୍ୟା, ତିରୁପତି, ମଥୁରା, ବୃନ୍ଦାବନ୍ ବାଗିର୍ ତୀର୍ଥକ୍ଷେତ୍ର ମାନ୍‌କୁ ବସ୍ ସେବା ମୁଲ୍ ହେବା ବଲି ପରିବହନ୍ ମନ୍ତ୍ରୀ ବିଭୂତି ଜେନା କହିଛନ୍ । ଇ ଯାତ୍ରାକେ ସହଜ୍ ଆଉ ଆରାମ୍ ଦାୟକ୍ କର୍‌ବାର୍ ଲାଗି ସର୍‌କାର୍ ସ୍ୱତନ୍ତ୍ର ଆଉ ଉଚ୍ଚମାନର ବସ୍‌ର ବ୍ୟବସ୍ଥା କରୁଛନ୍ ବଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ ।

କେନ୍ଦ୍ର ମହିଳା ଆର୍ ବାଲ୍ ବିକାଶ୍ ମନ୍ତ୍ରୀ-ନୂଆପଡ଼ା

ନୂଆପଡ଼ା ସମ୍ବାଦଦାତା

କେନ୍ଦ୍ର ମହିଳା ଆର୍ ବାଲ୍ ବିକାଶ୍ ମନ୍ତ୍ରୀ ସାବିତ୍ରୀ ଠାକୁର୍ ଆଏଜ୍ ନୂଆପଡ଼ା ଜିଲ୍ଲା ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଛନ୍ । ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ନ ୱାନ୍ ଷ୍ଟପ୍ କେନ୍ଦ୍ର ପରିଦର୍ଶନ୍ କରିକରି ମହିଳାମାନ୍‌କୁ ଆତ୍ମନିର୍ଭରଶୀଳ କର୍‌ବାର୍ ଲାଗି ଭିନ୍ ଭିନ୍ ଉପାୟର୍ ପ୍ରଶଂସା କରିଛନ୍ । ସ୍ୱାସ୍ଥ୍ୟକେନ୍ଦ୍ରକେ ଆସିଥିବା ରୋଗୀର ସମ୍ପର୍କୀୟଙ୍କୁ ସୁଲଭ ମୂଲ୍ୟଥି ଖାଦ୍ୟ ଯୋଗାଣ ସହେତେ ମହିଳାମାନ୍‌କୁ ଆତ୍ମନିର୍ଭରଶୀଳ ହେବାର୍ ଲାଗି ସେ ପରାମର୍ଶ ଦେଇଥିଲେ । ସେନ୍ତା ସେ ମିଲେଟ୍ କେଫେ ଭିଲ୍ ପରିଦର୍ଶନ୍ କରିଥିଲେ ।

ଜନଜାତୀୟ ଗୌରବ୍ ଦିବସ ପ୍ରସ୍ତୁତି ବୈଠକ        ଦେବ୍‌ଗଡ଼୍

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ବିକାଶ୍ ଭବନ୍ ସମ୍ମିଳନୀ କକ୍ଷ ନ ଆଏବା **୧୫** ତାରିଖ୍ ଦିନ ପାଲନ୍ ହେବାର୍‌କେ ଥିବା ଜନଜାତୀୟ ଗୌରବ୍ ଦିବସ୍ ଲାଗି ଗୁଟେ ପ୍ରସ୍ତୁତି ବୈଠକ୍ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ଦେବ୍‌ଗଡ଼୍ କଲେଜ୍‌ର ବିଜୁ ପଟ୍ଟନାୟକ୍ ପ୍ରେକ୍ଷାଳୟ ନ ହେବାର୍‌କେ ଥିବା ଇ ଉତ୍ସବ୍‌କେ ଶରସ

ସୁନ୍ଦର୍ କର୍‌ବାର୍ ଲାଗି ଜିଲ୍ଲାପାଲ୍ ଅଧିକାରୀମାନ୍‌କୁ ପରାମର୍ଶ ଦେଇଥିଲେ ।

ଛଟ୍‌ପୂଜା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ବିହାର୍ ଆର୍ ଉତର୍ ଭାରତର ଲୋକ୍‌ମାନେ ଛଟ୍ ଉତ୍ସବ୍ ପାଳନ୍ କରିଛନ୍ । ଶ୍ରୀ ଚନ୍ଦ୍ରଚୂଡ଼ ମନ୍ଦିର୍ ମହାନଦୀ ଆଳତୀ ଘାଟ୍ ନ ଛଟ୍‌ପୂଜା କମିଟିର୍ ସବୁ ପରିବାର୍‌ର ସଦସ୍ୟ ଜମା ହେଇକରି ସୂର୍ଯ୍ୟପୂଜା କରିଥିଲେ । ସଞ୍ଜ୍‌ବେଳେ ସୂର୍ଯ୍ୟଙ୍କୁ ଜଳ ଆର୍ ଅର୍ଘ୍ୟ ଭିଲ୍ ଦେଇଥିଲେ । ମହାନଦୀ ଆଳତୀ କମିଟି ତର୍‌ଫୁ ଦିବ୍ୟ ସହସ୍ର ଆଲ୍‌ତୀ କରାଯାଇଥିଲା ।

ସୁରଭି ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନେସ୍‌ନାଲ୍ ହାଇସ୍କୁଲ୍ ନ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ୍ - ସୁରଭି ପାଲିତ୍ ହେଇଯାଇଛେ । ଜିଲ୍ଲାପରିଷଦ୍ ଅଧ୍ୟକ୍ଷ ଡଲି ମାଝୀ ଇଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଇ ମହୋତ୍ସବ୍ ଛୁଆମାନ୍‌କର୍ ଲୁକି ରହିଥିବାର୍ ପ୍ରତିଭାକେ ବାହାର୍ କର୍‌ବାର୍ ଗୁଟେ ମାଧ୍ୟମ୍ ଆଏ ବଲି କହିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀଙ୍କର୍ ଅଧ୍ୟକ୍ଷତାଥି

ହେଇଥିବା ଇ ଉତ୍ସବ୍‌ଥି ଜିଲ୍ଲା ପରିଷଦ୍ ଉପାଧ୍ୟକ୍ଷ ଦୀପିକା କୌଶଲ୍ ଆଉ ଜିଲ୍ଲା ପରିଷଦ୍ ସଦସ୍ୟ ଭାନୁପ୍ରତାପ୍ ସିଂ ମାଝୀ ପ୍ରମୁଖ ଯୋଗ୍ ଦେଇଥିଲେ ।

ବିଜ୍ଞାନ୍ ଆଉ ବୈଜ୍ଞାନିକ ପ୍ରଦର୍ଶନୀ        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ବର୍‌ଗାଁ ହାଇସ୍କୁଲ୍ ନ ରାଷ୍ଟ୍ରୀୟ ଆବିଷ୍କାର୍ ଅଭିଯାନ୍ କାର୍ଯ୍ୟକ୍ରମ୍ ଆଉ ବିଜ୍ଞାନ୍ ଆଉ ବୈଜ୍ଞାନିକ ପ୍ରଦର୍ଶନୀ ହେଇଯାଇଛେ । କଂଟାମାଲ୍ ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ ଇଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଛାତ୍ରଛାତ୍ରୀ ମାନେ କରିଥିବା ଭିନ୍ ଭିନ୍ ପ୍ରକଳ୍ପ ବୁଲିକରି ଦେଖିଥିଲେ ।

ଦୀର୍ଘସ୍ଥାୟୀ କୀଟନାଶକ୍ ମଶାରୀ-ବୌଦ୍ଧ        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଶଗଡ଼ା ଠାନେ ଦୀର୍ଘସ୍ଥାୟୀ କୀଟନାଶକ୍ ମଶାରୀ ବାଂଟ୍‌ବାର୍ ଶୁଭାରମ୍ଭ କରାଯାଇଛେ । ଇ ଅବ୍‌ସରେ ହେଇଥିବା ଗୁଟେ କାର୍ଯ୍ୟକ୍ରମ୍‌ଥି କଂଟାମାଲ୍ ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ ଯୋଗ୍ ଦେଇକରି ମଶାରୀ ବାଂଟିଥିଲେ । ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର୍ ମଦନ୍‌ମୋହନ୍ ପ୍ରଧାନ୍, ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ରୂପକ ମହାପାତ୍ର

ଯୋଗ୍ ଦେଇକରି ମେଲେରିଆ ରୋଗର୍ କାରଣ୍ ଆଉ ନିରାକରଣ୍ ବାବ୍‌ଦେ ଲୋକ୍‌ମାନ୍‌କୁ ବୁଝେଇଥିଲେ ।

ଭାରତ୍ ସ୍କାଉଟ୍, ଗାଇଡ୍ ପ୍ରତିଷ୍ଠା ଦିବସ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନ ଆଏଜ୍ ଭାରତ୍ ସ୍କାଉଟ୍ ଆଉ ଗାଇଡ୍‌ର ପ୍ରତିଷ୍ଠା ଦିବସ୍ ପାଲିତ୍ ହେଇଯାଇଛେ । ବିଦ୍ୟାଳୟର୍ ପ୍ରଧାନ୍ ଆଚାର୍ଯ୍ୟ ସନତ୍ ମେହେର୍ ଇଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସ୍କାଉଟ୍ ଆଉ ଗାଇଡ୍‌ର କର୍ତବ୍ୟ ଆଉ ଦାୟିତ୍ୱବୋଧ ବାବ୍‌ଦେ ମାର୍ଗଦର୍ଶନ୍ କରିଥିଲେ ।